ଓଡ଼ିଆ ଭାଷା ସାହିତ୍ୟର ଜାଗ୍ରତ ପ୍ରହରୀ ଫକୀର ମୋହନ

ପଣ୍ଡିତ ତ୍ରିଲୋଚନ ମିଶ୍ର

ଜଣେ ସୁଦକ୍ଷ ସେନାପତି ଯେପରି ନିଜର ଉପସ୍ଥିତ ବୁଦ୍ଧି, ସାହସ, ଶକ୍ତି ଦ୍ୱାରା ଯୁଦ୍ଧକ୍ଷେତ୍ରରେ ବିଜୟର ପତାକା ଉଡାଇଥାଏ, ଠିକ୍ ସେହିପରି ବ୍ୟାସକବି ଫକୀର ମୋହନ ସେନାପତି ଆମ ମାତୃଭାଷାକୁ ବିଜୟ ମୁକୁଟ ପିନ୍ଧାଇଥିଲେ କଠିନ ସଂଗ୍ରାମ କରି । ଯଥାର୍ଥରେ ସେହିଁ ଓଡ଼ିଆ ଭାଷା ସାହିତ୍ୟର ଜାଗ୍ରତ ପ୍ରହରୀ । ମୈତ୍ରୀ ଶୁକ୍ଳଙ୍କ ରଚିତ ଫକୀର ମୋହନଙ୍କ ଆତ୍ମଜୀବନୀ ଚରିତର ବଙ୍ଗଭାଷା ଅନୁବାଦ ପୁସ୍ତକ ମୁଖବନ୍ଧରେ ବରିଷ୍ଠ ସାରସ୍ୱତ ସାଧକ ଅନ୍ନଦା ଶଙ୍କର ରାୟ ଲେଖିଥିଲେ– 'ଏପରି ଗଦ୍ୟ ଓଡ଼ିଆ ଭାଷାରେ କେହି କେବେ ଲେଖି ନାହାନ୍ତି । ଚେଷ୍ଟା କଲେ ମଧ ଲେଖିପାରିବେ ନାହିଁ । ଫକୀର ମୋହନଙ୍କୁ ନିଜର ଆଦ୍ୟ ଗୁରୁ ମାନୁଥିବା ଯଶସ୍ୱୀ ଲେଖକ ମନୋଜ ଦାସ 'ରେବତୀ' ଗଳ୍ପ ସମ୍ପର୍କରେ କହିଛନ୍ତି– 'ଏତେବଡ କ୍ଲାସିକ୍ ଗପ ବିଶ୍ୱ ଇତିହାସରେ ବିରଳ' । ମାତ୍ର ଚାଟଶାଳୀ ପାଠରେ ପାଠ ଡୋରି ବାନ୍ଧିଥିବା ଫକୀର ମୋହନଙ୍କ ଲେଖା ପଢି ବହୁ ସାରସ୍ୱତ ଗବେଷକ ସୁଦୂର ଇଂଲଣ୍ଡ, ଜର୍ମାନ୍, ଫ୍ରାନ୍ସ ମାଟିରୁ ତାଙ୍କ ଜନ୍ମମାଟି ବାଲେଶ୍ୱର ଜିଲ୍ଲାକୁ କ୍ରମାଗତ ଆସିଛନ୍ତି । ଏହା କ'ଣ ଓଡ଼ିଆ ଭାଷା ଓ ଓଡ଼ିଆମାନଙ୍କ ପାଇଁ ଗର୍ବର ବିଷୟ ନୁହେଁ ।

କେବଳ ଭାଷା ସଂଗ୍ରାମ ନୁହେଁ, ଓଡ଼ିଶାକୁ ଓଡ଼ିଆ ଭାଷାଭିତ୍ତିକ ସ୍ୱତନ୍ତ୍ର ପ୍ରଦେଶ ଗଠନ କରିବା ପାଇଁ ଫକୀର ମୋହନ ସେନାପତିଙ୍କ ଅବଦାନ ଅବିସ୍ମରଣୀୟ । ୧୮୬୬ ମସିହା ନଅଙ୍କ ଦୁର୍ଭିକ୍ଷରେ ଓଡ଼ିଆ ଜାତିର ମେରୁଦଣ୍ଡ ଭାଙ୍ଗିଗଲା । ଏ ସୁଯୋଗରେ ବଙ୍ଗଭାଷାବାସୀ ପଡୋଶୀମାନେ ଇଂରେଜମାନଙ୍କ କଚିରି ଦଖଲ କରିଗଲେ । ଓଡ଼ିଆ ଏକ ଭାଷା ନୁହେଁ, ଏଠାରେ ତୁରନ୍ତ ବଙ୍ଗଭାଷା ପ୍ରଚଳନ ପାଇଁ ସରକାରୀ ନିର୍ଦ୍ଦେଶନାମା ବାହାର କରିଦେଲେ । ମାତ୍ର ଦୃଢମନା ଓଡ଼ିଆ ଫକୀର ମୋହନ ଆଦୌ ବିବ୍ରତ ନ ହୋଇ ନିଜ ସଭାସମିତିରେ କହି ଚାଲିଲେ ବଙ୍ଗଭାଷାର ଜନକ ପଣ୍ଡିତ ମୃତ୍ୟୁଞ୍ଜୟ ବିଦ୍ୟାଳଂକାର ଜଣେ ଓଡ଼ିଆ ଥିଲେ । ବଙ୍ଗଭାଷା ପାଇଁ ସେ ପ୍ରଥମ ବ୍ୟାକରଣ 'ପ୍ରବୋଧ ଚନ୍ଦ୍ରିକା', ବଙ୍ଗଭାଷା ଇତିହାସ 'ରାଜାବଳି' ରଚନା କରିଥିଲେ । ଫୋର୍ଟ ଉଇଲିୟମ୍ କଲେଜର ମୁଖ୍ୟ ଅଧ୍ୟାପକ ପଦ ମଣ୍ଡନ କରି ଇଂରେଜ ପ୍ରଶାସକମାନଙ୍କୁ ବଙ୍ଗଭାଷା, ହିନ୍ଦୀ ଓ ଓଡ଼ିଆ ଭାଷା ପଢାଉଥିଲେ । ଏପରିକି ବିଶ୍ୱପ୍ରସିଦ୍ଧ ବଙ୍ଗୀୟ ମହାପୁରୁଷ ଶ୍ରୀ ଶ୍ରୀ ଚୈତନ୍ୟ ଦେବଙ୍କ ପିତା ଥିଲେ ଉତ୍କଳୀୟ ବ୍ରାହ୍ମଣ ଜଗନ୍ନାଥ ମିଶ୍ର । ଏ ସମସ୍ତ ତଥ୍ୟ ସମ୍ମିଳିତ ଏକ ଦରଖାସ୍ତ ସେ ତତ୍କାଳୀନ ବାଲେଶ୍ୱର ଜିଲ୍ଲାପାଳ ବହୁଭାଷାବିତ୍ ଜନ ବିମ୍ସଙ୍କୁ ଦେଇ ପ୍ରତିକାର ଲୋଡିଲେ । ଜନ ବିମ୍ସ ନିଜ ମତାମତରେ ଲେଖିଲେ ତାଙ୍କ ଗବେଷଣାରୁ ସେ ଜାଣିଛନ୍ତି ଓଡ଼ିଆ ଏକ ଶ୍ରେଷ୍ଠ ଆର୍ଯ୍ୟଭାଷା । ଏ ଭାଷାକୁ ଉପେକ୍ଷା କରାଯାଇପାରିବ ନାହିଁ । ଜନ୍ ବିମ୍ସଙ୍କ ପତ୍ର ପାଇ ଓଡ଼ିଶାର କମିଶନର ଟି.ରେଭେନ୍ସା ନିଜର ଦୃଢ ସମର୍ଥନ ଜଣାଇ ଇଂରେଜ ସରକାରଙ୍କ ପୂର୍ବ ନିର୍ଦ୍ଦେଶନାମାକୁ ଖାରଜ କରାଇଦେଲେ । ବଙ୍ଗୀୟ ଅଧିକାରୀମାନଙ୍କ ସମସ୍ତ ଚକ୍ରାନ୍ତକୁ ଏକା ସେନାପତି

ଫକୀର ମୋହନ ପଣ୍ଡ କରିଦେଲେ । ସେତିକିରେ ନିରବ ନ ରହି ଓଡ଼ିଆ ବ୍ୟାକରଣ, ପାଠ୍ୟପୁସ୍ତକ, ଗଳ୍ପ, ମହାପୁରୁଷଙ୍କ ଜୀବନୀ ଉପନ୍ୟାସ ରଚନା କରି ସବୁ ସ୍ତରର ଅଭାବ ମେଣ୍ଟାଇ ଦେଲେ । ଏପରିକି ବାଲେଶ୍ୱରରେ ନିଜ ପ୍ରଚେଷ୍ଟାରେ ଛାପାଖାନା ବସାଇ ପୁସ୍ତକ ଛାପି ଓଡ଼ିଆ ବିଦ୍ୟାର୍ଥୀମାନଙ୍କ ଓ ଶିକ୍ଷକମାନଙ୍କର ଭରସାର କେନ୍ଦ୍ରବିନ୍ଦୁ ହୋଇଗଲେ । ତାଙ୍କର ଏଇ ଦୁଇଧାଡି ରଚନା ଓଡିଆ ଭାଷା ପଢିବାକୁ ସମସ୍ତଙ୍କୁ ଅନୁପ୍ରାଣିତ କରିଥିଲା । ଲେଖାଟି ଏପରି–

ଯେଉଁପାଠ ପଢିବାରେ ଦେଉ ଅଛ ମନ
ନ ବିଚାର ସେ ତ ନୁହେଁ ତୁଚ୍ଛ ଗଣ୍ଡି ଧନ ।
ପଢ ଇଂରାଜୀ କେହି ମନା କରୁ ନାହିଁ
କିନ୍ତୁ ବାପା କାମକର ଜାତି କୁଳ ଚାହିଁ ।
ଘୃଣା କରୁଅଛ ମାତୃଭାଷା ପଢିବାକୁ
ହାୟ ହାୟ ଲାଜ କଥା କହିବି କାହାକୁ ।

ପ୍ରକୃତିବନ୍ଧୁ ଭବନ
ପ୍ରାଚୀ ବିହାର, କାକଟପୁର, ପୁରୀ

ଜାତୀୟ ଯୁବ ଦିବସ

ଯୁଧିଷ୍ଠିର ଲେଙ୍କା

ପ୍ରଦୀପ ଜ୍ୱଳନେ ଦୂର ହୁଏ ନାହିଁ
କେବଳ ଘନ ତମିସ୍ରା
ଅସଂଖ୍ୟ ପ୍ରଦୀପ ଜଳିଉଠେ ସେଥୁ
ସ୍ପର୍ଶ ପାଇ ସେହି ଶିଖା ।
ମହାମାନବଙ୍କ ଜୀବନୀ ଆଦର୍ଶ
ନାଶେ ଅଜ୍ଞାନ ଅନ୍ଧାର
ତନ୍ମଧ୍ୟରୁ ସ୍ୱାମୀ ବିବେକାନନ୍ଦଙ୍କ
ଆଦର୍ଶ ଓ ବାଣୀ ସାର ।
ଚିକାଗୋର ଧର୍ମ ମହାସଭା ମଧ୍ୟେ
ହିନ୍ଦୁ ଧର୍ମର ପ୍ରଚାର
ଭ୍ରାତୃଭାବ ଶାନ୍ତି ମାନବତା ମୈତ୍ରୀ
ସର୍ବ ଧର୍ମର ଆଧାର ।
ପ୍ରାଚୀନ ଭାରତ ହିନ୍ଦୁତ୍ୱ ଆଦର୍ଶ
ବେଦାନ୍ତ ତତ୍ତ୍ୱ ବ୍ୟାଖ୍ୟାନ
ପାଶ୍ଚାତ୍ୟ ଦେଶର ଧର୍ମଯାଜକଙ୍କୁ
କରିଥିଲା ଆଲୋଡ଼ନ ।
ବିଶ୍ୱ ମାନବର ପ୍ରଗତି ପଥରେ
ଆଣିଥିଲା ନବାଲୋକ

ଅଭିହିତ ହେଲେ ଜ୍ଞାନମୂର୍ତ୍ତି ସ୍ୱାମୀ
ନିର୍ଭୀକ ବିଶ୍ୱପ୍ରେମିକ ।
ଉଠ ଜାଗ ନିଜ ଜୀବନର ଲକ୍ଷ୍ୟ
ପ୍ରାପ୍ତକର ବଜ୍ର ବାଣୀ
ଯୁବ ସମାଜର ଚିନ୍ତା ଚେତନାରେ
ନବ ଉନ୍ମାଦନା ଆଣି ।
ସ୍ୱଦେଶ ପ୍ରେମ ଓ ଆଧ୍ୟାତ୍ମିକତାର
ବହ୍ନି କଲା ପ୍ରଜ୍ୱଳିତ
ଅସଂଖ୍ୟ ଦୀପାଳି ଆଜିବି ଜଳୁଛି
ଶିଖାଟେକି ଅବିରତ ।
ଯୁବଶକ୍ତି ସଚେତନ ଉନ୍ମେଷରେ
ପାଳନ କରଇ ଦେଶ
ପୂଜ୍ୟ ସ୍ୱାମୀଜୀଙ୍କ ଜନ୍ମ ଦିବସକୁ
ଜାତୀୟ ଯୁବ ଦିବସ ।

ଗ୍ରାମ– ଅଠାନ୍ତର, ପୋଷ୍ଟ– ପହଙ୍ଗା
ଭାୟା– ନିଆଳୀ, ଜିଲ୍ଲା–କଟକ